# ଚାଷୀଙ୍କ ଆୟ ବୃଦ୍ଧି ପାଇଁ
# ସମନ୍ୱିତ କୃଷି ପ୍ରଣାଳୀ


ସଂପାଦନା:
ଡ. ବିଶ୍ୱରଞ୍ଜନ ପଟ୍ଟନାୟକ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ଲେଖକ:
ଡଃ ସତ୍ୟବ୍ରତ ମଙ୍ଗରାଜ
ବିଷୟବସ୍ତୁ ବିଶେଷଜ୍ଞ(କ୍ଷେତ୍ରବିଜ୍ଞାନ)

ବିଷୟବସ୍ତୁ:
ଶ୍ରୀ ତ୍ରିନାଥ ଖଣ୍ଡାଇତରାୟ
ଶ୍ରୀମତୀ ସୁପ୍ରଭା ସେଠୀ
ଶ୍ରୀମତୀ ପ୍ରିୟମ୍ବଦା ଲୋପାମୁଦ୍ରା ରାୟ



କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର
ବଡ଼ଝିଙ୍କି, ସୁବର୍ଣ୍ଣପୁର - ୭୬୭୦୧୭
ଦୂରଭାଷ : ୦୬୬୫୪ - ୨୨୧୦୦୯
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ମୁଖ୍ୟ ସମ୍ପାଦକ : ଡ. ବିଶ୍ୱରଞ୍ଜନ ପଟ୍ଟନାୟକ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ଲେଖକ : ଡଃ ସତ୍ୟବ୍ରତ ମଙ୍ଗରାଜ
ବିଷୟବସ୍ତୁ ବିଶେଷଜ୍ଞ(କ୍ଷେତ୍ରବିଜ୍ଞାନ)

ବିଷୟ ବସ୍ତୁ : ଶ୍ରୀ ତ୍ରିନାଥ ଖଣ୍ଡାଇତରାୟ
ଶ୍ରୀମତୀ ସୁପ୍ରଭା ସେଠୀ
ଶ୍ରୀମତୀ ପ୍ରିୟମ୍ବଦା ଲୋପାମୁଦ୍ରା ରାୟ

ଓ.ୟୁ.ଏ.ଟି ପବ୍ଲିକେଶନ ନଂ : ୨୦୨୪୦୩୦୧୯୩

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ପ୍ରକାଶ କାଳ : ମାର୍ଚ୍ଚ -୨୦୨୪

# ଚାଷୀଙ୍କ ଆୟ ବୃଦ୍ଧି ପାଇଁ ସମନ୍ୱିତ କୃଷି ପ୍ରଣାଳୀ

ଗ୍ରାମାଞ୍ଚଳର ବିକାଶ ପାଇଁ ବହୁମୁଖୀ ଯୋଜନା ଦ୍ୱାରା ରାସ୍ତା ନିର୍ମାଣ, ପୋଲ ନିର୍ମାଣ, ଶିଳ୍ପାଞ୍ଚଳ ପ୍ରତିଷ୍ଠା ଦ୍ୱାରା ଚାଷଜମିର ପରିମାଣ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି । ଜୀବନ ଜୀବିକା ପାଇଁ ରାଜ୍ୟର ଚାଷୀଭାଇ ମାନେ ମୁଖ୍ୟତଃ ବର୍ଷା ଆଶ୍ରିତ ଧାନ ଚାଷ ଉପରେ ନିର୍ଭରଶୀଳ । କିନ୍ତୁ ପ୍ରାକୃତିକ ସମ୍ପଦର ଅବକ୍ଷୟ, ଜଳବାୟୁ ପରିବର୍ତ୍ତନ ତଥା ମାତ୍ରାଧିକ ରାସାୟନିକ ସାରର ବ୍ୟବହାର ଦ୍ୱାରା ଅନେକାଂଶରେ ରୋଗପୋକ ଓ ପ୍ରାକୃତିକ ଦୁର୍ବିପାକ ପାଇଁ ମାଟିରେ ବର୍ଷକୁ ଏକକ ଫସଲ ମଧ୍ୟ ହୋଇପାରୁନାହିଁ । ଏକକ ଧାନ ଚାଷ ଦ୍ୱାରା ଧାନ ଅମଳ ହେଉଥିବାରୁ ଚାଷୀ ନିଜର ଭରଣପୋଷଣ ମଧ୍ୟ ସଠିକ୍ ଭାବେ କରିପାରୁନାହିଁ । ଏସବୁ ସମସ୍ୟାର ନିରାକରଣ ପାଇଁ ଆମକୁ ଉତ୍ପାଦିକତା ଓ ଉତ୍ପାଦନର ବୃଦ୍ଧି କରିବାକୁ ପଡ଼ିବ । ଉତ୍ପାଦିକତା ହାର ଏବଂ ଉତ୍ପାଦନର ବୃଦ୍ଧି ଘଟିଲେ ଚାଷୀର ଆୟ ବୃଦ୍ଧି ସଙ୍ଗେ ସଙ୍ଗେ ଜୀବନର ଗୁଣାତ୍ମକ ମାନର ମଧ୍ୟ ବୃଦ୍ଧି ଘଟିବ । ଜନସଂଖ୍ୟା ଦ୍ରୁତ ଗତିରେ ବଢ଼ିବା ଯୋଗୁଁ ଖାଦ୍ୟ ଉତ୍ପାଦନ ଓ ଆବଶ୍ୟକତା ମଧ୍ୟରେ ଅସନ୍ତୁଳନ ଦେଖା ଦେଉଛି । ଏହି ପରିପ୍ରେକ୍ଷୀରେ ସମନ୍ୱିତ କୃଷି ପ୍ରଣାଳୀର ଭୂମିକା ଚାଷର ଉନ୍ନତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

କୃଷକ ପରିବାର ପାଖରେ ଯାହା ବି ସମ୍ବଳ ଥାଏ ତାହାର ସଦୁପଯୋଗ କରି ସମଗ୍ର ପରିବାରର ଭରଣପୋଷଣ ସହିତ ସମସ୍ତ ଚାଷ କ୍ରିୟାକୁ ସମନ୍ୱିତ କୃଷି ପ୍ରଣାଳୀ କୁହାଯାଏ । ବିଭିନ୍ନ ପ୍ରକାର ଚାଷ ଯଥା- ମାଛ ଚାଷ, କୁକୁଡ଼ା ପାଳନ, ଗୋ-ପାଳନ, ବତକ ପାଳନ, ଛେଳି ପାଳନ, ଫଳ ଚାଷ, ପନିପରିବା ଚାଷ ଇତ୍ୟାଦିର ଖାଦ୍ୟ ଶସ୍ୟ ସହ ସନ୍ତୁଳିତ ସମନ୍ୱୟ ହେଉଛି ସମନ୍ୱିତ କୃଷି ପଦ୍ଧତି । ଏକ ନିର୍ଦ୍ଦିଷ୍ଟ ଜମିରେ ଏକ ନିର୍ଦ୍ଦିଷ୍ଟ ସମୟରେ କୃଷି

ସହିତ ବିଭିନ୍ନ ଆନୁସଙ୍ଗିକ କୃଷି ଯଥା- ଉଦ୍ୟାନଭିତ୍ତିକ ପନିପରିବା, ଫୁଲ, ଫଳ, ଘାସ, ବନ୍ୟ ବୃକ୍ଷ, ଛତୁ, ମହୁ, ଜିଆ ଖତ, ମାଛ, କୁକୁଡ଼ା, ଗାଈ ଓ ବତକ ପାଳନ କରି ଉନ୍ନତ ମାନର ଖାଦ୍ୟ ପାଇବା ସହ ଅର୍ଥନୈତିକ ଅବସ୍ଥାର ଉନ୍ନତି ଘଟାଇ ବେକାରୀ ସମସ୍ୟା ଦୂର କରି ପରିବେଶକୁ ସୁରକ୍ଷିତ ରଖିବାକୁ ସମନ୍ୱିତ କୃଷି ପ୍ରଣାଳୀ କୁହାଯାଏ । ଏହା ଚାଷୀକୁ ଖାଦ୍ୟ, ପୁଷ୍ଟି ଓ ଆର୍ଥିକ ନିରାପତ୍ତା ଯୋଗାଇଥାଏ । ସମନ୍ୱିତ କୃଷି ଦ୍ୱାରା ଚାଷୀ ଜମି, ଜଳ, ଜୈବିକ ପଦାର୍ଥ ଓ ପୁଞ୍ଜି ବିନିଯୋଗ କରି ଲାଭବାନ ହେବା ସହିତ ପରିବେଶକୁ ମଧ୍ୟ ସନ୍ତୁଳିତ ରଖିଥାଏ ।

## ସମନ୍ୱିତ କୃଷି ପ୍ରଣାଳୀର ମୁଖ୍ୟ ଉଦ୍ଦେଶ୍ୟ-

୧. ଖାଦ୍ୟ ନିରାପତ୍ତା

୨. ଚାଷୀର ଆର୍ଥିକ ମାନଦଣ୍ଡ ବୃଦ୍ଧି

୩. ମାଟିର ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି

୪. ପୂର୍ବ ଫସଲର ଜୈବିକ ଅବଶିଷ୍ଟାଂଶର ପୁନର୍ବ୍ୟବହାର

୫. ବିଭିନ୍ନ କୃଷି ଓ ଆନୁସଙ୍ଗିକ କୃଷିରେ ଦକ୍ଷତା ବୃଦ୍ଧି

୬. ପରିବେଶ ସୁରକ୍ଷା

୭. କର୍ମନିଯୁକ୍ତି ସୁଯୋଗ

୮. ସମୁଦାୟ ଉତ୍ପାଦନରେ ଖର୍ଚ୍ଚରେ ହ୍ରାସ

## ସମନ୍ୱିତ କୃଷି ପ୍ରଣାଳୀର ବିଭିନ୍ନ ଉପାଂଶ :

(୧) ଖାଦ୍ୟ ଶସ୍ୟ ଚାହିଦା ପୂରଣ ପାଇଁ ଧାନ, ମକା ଆଦି ଖାଦ୍ୟ ଶସ୍ୟ, ହରଡ଼, ମୁଗ, ବିରି ଆଦି ଡାଲି ଜାତୀୟ ଫସଲ, ଚିନାବାଦାମ, ରାଶି, ସୋରିଷ ଆଦି ତୈଳବୀଜ ଫସଲ ଏବଂ ଏହି ଫସଲଗୁଡ଼ିକର ଶସ୍ୟ ବିବିଧିକରଣ ।

(୨) ଖାଦ୍ୟଶସ୍ୟ ଚାଷ + ପନିପରିବା ଚାଷ

(୩) ଫଳବୃକ୍ଷ ଚାଷ + ବନବୃକ୍ଷ ଚାଷ + ଜିଆଖତ ଉତ୍ପାଦନ

(୪) ମାଛ ଚାଷ + ପନିପରିବା ଚାଷ + ଗୋଖାଦ୍ୟ ଚାଷ + ପଶୁପାଳନ

(୫) ମାଛ ଚାଷ + ପୋଖରୀ ହୁଡ଼ାରେ ବିଭିନ୍ନ ପନିପରିବା ଚାଷ

(୬) ଧାନ + ପନିପରିବା + ଛତୁ ଚାଷ + ମହୁଚାଷ


ସଂକ୍ଷିପ୍ତରେ ଏହି ଚାଷ ପଦ୍ଧତିଗୁଡ଼ିକୁ ନିମ୍ନଲିଖିତ ୪ ଗୋଟି ପଦ୍ଧତିରେ ବିଭକ୍ତ କରାଯାଇଛି ।

୧. ପୋଖରୀ ଆଧାରିତ ସମନ୍ୱିତ କୃଷି

୨. ଗୋପାଳନ ଆଧାରିତ ସମନ୍ୱିତ କୃଷି

୩. ଉଦ୍ୟାନ ଆଧାରିତ ସମନ୍ୱିତ କୃଷି

୪. କୃଷିଜାତ ଦ୍ରବ୍ୟ ଆଧାରିତ ସମନ୍ୱିତ କୃଷି




## ୧. ପୋଖରୀ ଆଧାରିତ ସମନ୍ୱିତ କୃଷି :

ପୋଖରୀ ଆଧାରିତ ସମନ୍ୱିତ କୃଷିର ମୌଳିକ ତଥ୍ୟ ହେଉଛି, ଏକ ସୀମିତ ଜାଗାରେ ସବୁ ପ୍ରକାର ଚାଷ କରାଯିବା ଉଚିତ । ଯାହାକି, ଗୋଟିଏ ଚାଷର ଉତ୍ପାଦନ ଅନ୍ୟ ଏକ ଚାଷର ମୁଖ୍ୟ ଉତ୍ପାଦନ ଭାବରେ ବ୍ୟବହାର କରାଯାଇପାରିବ । ଏଥିପାଇଁ ଚାଷୀ ପୋଖରୀରେ ମାଛ ଚାଷ କରିବା ସହିତ ପୋଖରୀ ହୁଡ଼ାରେ ବିଭିନ୍ନ ଫଳ ଚାଷ ଯଥା- ଆମ୍ବ, ପିଜୁଳି, ଡାଳିମ୍ବ, କଦଳୀ ଇତ୍ୟାଦି ଚାଷ କରିପାରିବେ । ଏତଦ୍‌ବ୍ୟତୀତ ପୋଖରୀ ହୁଡ଼ାରେ ଲୁହା ଜାଲି ବା କାଠ ଜାଲିର କୁକୁଡ଼ା ଘର ତିଆରି କରି କୁକୁଡ଼ା ପାଳନ କଲେ, କୁକୁଡ଼ାର ମଳ ସବୁ ମାଛମାନଙ୍କ ଖାଦ୍ୟ ରୂପେ ବ୍ୟବହୃତ ହୋଇପାରିବ । ପୁନଶ୍ଚ

ପୋଖରୀରେ ବତକ ପାଳନ କରାଯିବା ଫଳରେ ମାଛମାନେ ହୃଷ୍ଟପୁଷ୍ଟ ହୋଇ ବଢ଼ିବା ସଙ୍ଗେ ସଙ୍ଗେ ମାଛ ଚାଷରୁ ଅଧିକ ଲାଭ ମିଳିବା ସହ ବତକ ଅଣ୍ଡା ଏବଂ ମାଂସ ବିକ୍ରି କରି ବେଶ୍ ରୋଜଗାରକ୍ଷମ ହୋଇପାରିବେ । ପୋଖରୀ ହୁଡ଼ାରେ ଗାଈ ଗୁହାଳ ତିଆରି କରିବା ସଙ୍ଗେ ସଙ୍ଗେ ମହୁ ଚାଷ ମଧ୍ୟ କରାଯାଇପାରିବ । ଫଳରେ ଚାଷୀ ଗୋଟିଏ ସୀମିତ ସ୍ଥାନରୁ ବର୍ଷସାରା ରୋଜଗାରକ୍ଷମ ହୋଇପାରିବ ।

ପୋଖରୀରେ ମାଛ ଯାଆଁଳା ଛାଡ଼ିବ ଆଗରୁ ସବୁ ପ୍ରକାର ଦଳକୁ ବାହାର କରିଦିଆଯାଇଥାଏ ଓ ମହୁଲ ପିଡ଼ିଆ ପକାଇ ସବୁ ପ୍ରକାର ମାଛ ମାରିଦେବା ଆବଶ୍ୟକ । ପୋଖରୀର ଉର୍ବରତା ବୃଦ୍ଧି ପାଇଁ ଜୈବିକ (ଗୋବର) ଓ ରାସାୟନିକ (ୟୁରିଆ, ସୁପର ଫସଫେଟ ପ୍ରଭୃତି) ସାର ବ୍ୟବହାର କରାଯାଏ । କଞ୍ଚା ଗୋବର ହେକ୍ଟର ପ୍ରତି ୨୫୦୦ କେଜି ଏବଂ ୟୁରିଆ ଯୁକ୍ତ ସୁପର ଫସଫେଟ୍ ୧୫୦ କେଜି + ୭୦ କେଜି ହିସାବରେ ତିନି କିମ୍ବା ଚାରିଥର କିଛିଦିନ ଅନ୍ତରରେ ପକାଇବା ଦରକାର । ପ୍ରସ୍ତୁତ ହୋଇଥିବା ପୋଖରୀରେ କାର୍ପ ଜାତୀୟ ଯାଆଁଳା ଏକ ନିର୍ଦ୍ଦିଷ୍ଟ ଅନୁପାତରେ (ଭାକୁର-୩, ରୋହି-୪, ମିରିକାଳି-୩) ଛାଡ଼ି ଚାଷ କରାଯାଏ ।

ପାଣି ଓ ମାଟିରେ ଅମ୍ଳ ଅଂଶ ରହିଲେ ଚୂନା ପକାଇବା ନିହାତି ଦରକାର । ଚୂନ ପ୍ରୟୋଗର ଏକ ସପ୍ତାହ ପରେ ଏକ ଏକର ଜଳ ଆୟତନ ପାଇଁ ହାରାହାରି ୨୦୦୦ ମିଶ୍ରିତ ବଡ଼ ଯାଆଁଳା ଛଡ଼ାଯାଇଥାଏ । ଯାଆଁଳା ଛାଡ଼ିବାର ୧୫ ଦିନ ପରେ ଏକର ପିଛା ମାସିକ ୧୦ କେଜି ଚୂନ ପାଣିରେ ଗୋଳାଇ ଚାରିପଟେ ଛିଞ୍ଚି ପକାଇବା ଆବଶ୍ୟକ । ଏତଦ୍‌ବ୍ୟତୀତ ପୋଖରୀରେ କୃତ୍ରିମ ଖାଦ୍ୟ ସହ ଏକର ପିଛା ୩୦୦-୪୦୦ କେଜି କଞ୍ଚା ଗୋବର ପ୍ରୟୋଗ କରାଯାଇଥାଏ । ଯଦ୍ୱାରା ମାଛର ବୃଦ୍ଧିରେ ଏହା ସହାୟକ ହୋଇଥାଏ ।

ପୋଖରୀ ହୁଡ଼ାରେ ସାଧାରଣତଃ କଦଳୀ କିମ୍ବା ଗେଣ୍ଡୁଫୁଲ ଚାଷ କରି ଅତିରିକ୍ତ ଆୟ ମଧ୍ୟ କରାଯାଇପାରେ । ଓଡ଼ିଶାରେ ବହୁଳ ଭାବେ ଉପଲବ୍ଧ କଦଳୀ କିସମ- ବନ୍ତଳ ଓ ଜି-୯କୁ ପୋଖରୀ ହୁଡ଼ାରେ ୫୦×୫୦×୫୦ ସେ.ମି. ଆକାରରେ ଗାତ ଖୋଳି ଲଗା ଯାଇଥାଏ । ଗଛ ଲଗାଇବା ସମୟରେ ଗଛର ଚେରକୁ ଗୋବରରେ ପ୍ରସ୍ତୁତ ଦ୍ରବଣରେ ବୁଡ଼ାଇ ଏବଂ ୨୦-୪୦

ଗ୍ରାମ୍ ଫ୍ୟୁରାଡ଼ନ୍ ଦାନାକୁ ସିଞ୍ଚନ କରାଯାଇଥାଏ । ଡେଙ୍ଗା କିସମଗୁଡ଼ିକୁ ଗଛକୁ ଗଛ ୨ରୁ ୨.୫ ମି. ବ୍ୟବଧାନରେ ଲଗାଯାଏ । ପୁଆଗୁଡ଼ିକର ଓଜନ ୩୦୦-୪୦୦ ଗ୍ରାମ୍ ମଧ୍ୟରେ ହେବା ଆବଶ୍ୟକ ।

## ୨. ପଶୁ ସମ୍ପଦ ଆଧାରିତ ସମନ୍ୱିତ କୃଷି :

କ୍ଷୁଦ୍ର ଚାଷୀ ଓ ନାମମାତ୍ର ଚାଷୀ ଜୀବିକାର୍ଜନରେ ଗୃହପାଳିତ ପଶୁସମ୍ପଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉତ୍ପାଦିତ ହେଉଥିବା କ୍ଷୀର, ମାଂସ, ଅଣ୍ଡା ଦ୍ୱାରା ଖାଉଟୀ ବ୍ୟବସାୟୀ ଏବଂ ଦିନ ମଜୁରିଆମାନେ ମଧ୍ୟ ଉପକୃତ ହୋଇଥାନ୍ତି ଏବଂ ଆର୍ଥିକ ଅବସ୍ଥା ସ୍ୱଚ୍ଛ ହୋଇଥାଏ । ପ୍ରାୟତଃ ଆମେ ଗାଈଗୋରୁଙ୍କ ଠାରୁ ଦୁଗ୍ଧ



ଏବଂ ଚାଷକାର୍ଯ୍ୟ ପାଇଁ ଖତ ପାଇଥାଉ । ଚାଷ ଏବଂ ଗାଈଗୋରୁ ସଂଖ୍ୟା ସମନ୍ୱୟ ଉପରେ ଚାଷର ସ୍ଥାୟୀତ୍ୱ ନିର୍ଭର କରେ । କାରଣ ଉଭୟ ପରସ୍ପର ଉପରେ ନିର୍ଭରଶୀଳ । ଫସଲର ଅବ୍ୟବହୃତ ଅଂଶ ଗାଈଗୋରୁ ଖାଆନ୍ତି ଏବଂ ଗାଈଗୋରୁଙ୍କ ଖତ ଜମି ଉର୍ବରତା ରକ୍ଷା କରିବାରେ ସାହାଯ୍ୟ କରେ ।

ଗୋଟିଏ ଗାଈ ପାଇଁ ୪୦ ବର୍ଗ ଫୁଟର ଘର ଆବଶ୍ୟକତା ହୋଇଥାଏ । ଗୁହାଳଟି ଉଚ୍ଚା, ଢ଼ିପ ନିଗିଡ଼ିଆ ଜମିରେ ହେବା ଉଚିତ ଏବଂ ଭଲଭାବରେ ଭାବରେ ବାୟୁ ଚଳାଚଳ ଓ ସୂର୍ଯ୍ୟ କିରଣ ପଡୁଥିବା ଦରକାର । ଦୁଧିଆଳୀ ଗାଈମାନଙ୍କୁ ସୁଷମ ଖାଦ୍ୟ ଦେବା ସହ ଆହାରରେ ଜଳ, ପୁଷ୍ଟିସାର, ଶ୍ୱେତସାର, ସ୍ନେହସାର, ଖଣିଜ ଲବଣ ଏବଂ ଭିଟାମିନ୍ ଆଦି ଉପାଦାନ ଖାଦ୍ୟରେ ଥିବା ଆବଶ୍ୟକ । ଏଥିପାଇଁ ଘାସ ଚାଷ କରି ଖାଦ୍ୟ ଦେବା ସହ ପ୍ରାଣୀ ଜାତୀୟ ପୁଷ୍ଟିସାର, ଶସ୍ୟ ଜାତୀୟ ଦ୍ରବ୍ୟ (ଦାନା), କୃଷି ଜାତୀୟ ଦ୍ରବ୍ୟ ଯଥା- ଗହମ ଚୋକଡ଼, କୁଣ୍ଡା, ଚଣାଚୋପା ଇତ୍ୟାଦି ଖାଇବାକୁ ଦିଆଯିବା ଉଚିତ ।

ଛେଳି ପାଳନ ପାଇଁ ୧୦ ବର୍ଗ ଫୁଟର ଜାଗା (ଗୋଟିଏ ବୟସ୍କ ଛେଳି) ଆବଶ୍ୟକ ପଡ଼ିଥାଏ । ଭୂମିଠାରୁ ୧ ମିଟର ଉଚ୍ଚ ବାଉଁଶ ତାଟିରେ

ଭାଡ଼ି କରାଯାଏ ଏବଂ ବାଉଁଶ ତାଟି ମଧ୍ୟରେ ୧ ସେ.ମି. ବ୍ୟବଧାନ ରହିଲେ ଛେଳିର ମଳ ଓ ମୂତ୍ର ତଳକୁ ବୋହି ଆସେ ଓ ଗୁହାଳ ସଫା କରିବା ପାଇଁ ସୁବିଧା ହୋଇଥାଏ । ବଢୁଥିବା ଛେଳିକୁ ୧୦୦ ଗ୍ରାମ୍ ଓ ବୟସ୍କ ଛେଳିକୁ ୧୫୦ ଗ୍ରାମ୍ ଦାନା ଦେବାର ଆବଶ୍ୟକତା ଅଛି । ବାଦାମ ପିଡ଼ିଆ, ମକା ଗୁଣ୍ଡ, ଗହମ ଚୋକଡ଼, ଗୁଡ଼, ଧାତୁସାର ଏବଂ ଲୁଣ ପ୍ରଭୃତି ଦ୍ୱାରା ଦାନା ପ୍ରସ୍ତୁତି ହେବା ଉଚିତ ।

ଏହାଛଡ଼ା ବାଡ଼ି ଅଗଣାରେ କୁକୁଡ଼ା ପାଳନ କମ୍ ଶ୍ରମ, ମୂଳଧନ ଏବଂ କମ୍ ଜାଗା ଆବଶ୍ୟକ ହେଉଥିବାରୁ ସମନ୍ୱିତ କୃଷି ପଦ୍ଧତିରେ ଏହା ଏକ ରୋଜଗାରର ଉତ୍ତମ ମାଧ୍ୟମ ହୋଇଅଛି । କୁକୁଡ଼ା ବିକ୍ରିଲବ୍ଧ ଅର୍ଥ ଆଂଶିକ ଭାବେ ପରିବାରର ଆବଶ୍ୟକତା ମେଣ୍ଟାଇବା ସହ ପରିବାରକୁ ଉନ୍ନତମାନର ପ୍ରାଣୀଜ ପୁଷ୍ଟିସାର ଯୋଗାଇଥାଏ । ଆବଶ୍ୟକତା ଅନୁସାରେ କୁକୁଡ଼ା ଚିଆଁ ରଖିବା ସହ ଘରଟିକୁ ସର୍ବଦା ପରିଷ୍କାର ରଖିବା ସହ ବାୟୁ ଚଳାଚଳ ପାଇଁ ସୁବିଧା କରିବା ଦରକାର । ଦିନିକିଆ ଚିଆଁକୁ ବାହାରେ ନ ଛାଡ଼ି, ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଆବଦ୍ଧ କରି ରଖିବା ସହ ଦାନା ଓ ପାଣି ଯୋଗାଇବା ଉଚିତ । ଦୁଇ ସପ୍ତାହ ପରେ ଧୀରେ ଧୀରେ ଛୁଆମାନଙ୍କୁ ଉପଯୁକ୍ତ ତତ୍ତ୍ୱାବଧାନରେ ବାହାରେ ଚରାବୁଲା ପାଇଁ ଛାଡ଼ିବା ଦରକାର । ୧୦-୧୫ ସପ୍ତାହରେ ଅଣ୍ଡିରା କୁକୁଡ଼ାଙ୍କୁ ବିକ୍ରି କରି ମାଈ କୁକୁଡ଼ାଙ୍କ ଅଧିକ ଯତ୍ନ ନେବା ଆବଶ୍ୟକ । ଆଜିକାଲି କଡ଼କନାଥ ପ୍ରଜାତିର କୁକୁଡ଼ାଟି ତା'ର କଳା ମାଂସ ପାଇଁ ପ୍ରସିଦ୍ଧ । ଏହି କୁକୁଡ଼ାର ସୁସ୍ୱାଦୁ ମାଂସ ଓ ମାଂସରେ ଥିବା ଅନେକ ଔଷଧୀୟ ଗୁଣ ଯୋଗୁଁ ଏହି କୁକୁଡ଼ାଟି ଲୋକମାନଙ୍କ ମଧ୍ୟରେ ଆଦୃତ ହୋଇପାରିଛି । ଏହି କୁକୁଡ଼ାର ଖାଦ୍ୟକୁ ମାଂସରେ ପରିଣତ କରିବା ଅନୁପାତ ଅଧିକ ଥିବାରୁ ଏହି କୁକୁଡ଼ାର ଓଜନ ୧୦୦-୧୨୫ ଦିନ ମଧ୍ୟରେ ୧.୧-୧.୨୫ କେଜି ପର୍ଯ୍ୟନ୍ତ ହୋଇଯାଇଥାଏ ।

ଆଜୋଲା ଏକ ସଜୀବ ଭାସମାନ ଫର୍ଣ୍ଣ ଜାତୀୟ ଜଳଜ ଉଦ୍ଭିଦ ଯାହାକୁ ଏକ ଉତ୍କୃଷ୍ଟ ପ୍ରାକୃତିକ ପଶୁଖାଦ୍ୟ ଭାବେ ବ୍ୟବହାର କରାଯାଏ । ଆଜୋଲାରେ ଅଧିକ ପୁଷ୍ଟିସାର ଓ କମ୍ ତନ୍ତୁ ଜାତୀୟ ଲିଗ୍ନିନ୍ ଥିବାରୁ ପଶୁପକ୍ଷୀଙ୍କ ଦ୍ୱାରା ଏହା ସହଜରେ ହଜମ ହୋଇଥାଏ । ୧.୫-୨ କେଜି ଦୈନିକ ଗୋଖାଦ୍ୟ ସହିତ ଆଜୋଲା ମିଶାଇ ଖାଇବାକୁ ଦେଲେ ଦୁଧିଆଳୀ ଗାଈଙ୍କ ଦୁଗ୍ଧ ଉତ୍ପାଦନ

ଶତକଡ଼ା ୧୫ ଭାଗ ବୃଦ୍ଧି ପାଇଥାଏ । ୨ ମିଟର ଲମ୍ବ, ୨ ମିଟର ଚଉଡ଼ା ଓ ୨୦ ସେ.ମି. ଗଭୀର ଟାଙ୍କିରେ ୧୦-୧୨ କେଜି ଉର୍ବର ମାଟିକୁ ସମାନ ଭାବେ ବିଛାଇ, ୨ କେଜି ସଢ଼ା ଗୋବର, ୩୦ ଗ୍ରାମ୍ ସୁପର ଫସଫେଟ ସାର ମିଶାଇ ପାଣି ଭର୍ତ୍ତି କରି ଦିଆଯାଏ । ୫୦୦ ଗ୍ରାମ୍-୧ କେଜି ପରିଷ୍କାର ଆଜୋଲା ବିହନ ଟାଙ୍କିରେ ଛାଡ଼ି ଦିଆଯାଏ ଏବଂ ୫ ଦିନ ଅନ୍ତରରେ ୧ କେଜି ଗୋବର ଓ ୨୦ ଗ୍ରାମ୍ ସୁପର ଫସଫେଟ ସାର ପିଟ୍ ମଧ୍ୟରେ ପ୍ରୟୋଗ କରାଯାଏ । ଏହାପରେ ୧୫-୨୦ ଦିନ ମଧ୍ୟରେ ଆଜୋଲା ସମ୍ପୂର୍ଣ୍ଣ ଭର୍ତ୍ତି ହୋଇଯାଏ ଓ ୦.୫-୧ କେଜି ପର୍ଯ୍ୟନ୍ତ ଆଜୋଲା ଦୈନିକ ଅମଳ କରାଯାଇପାରେ ।

## ୩. ଉଦ୍ୟାନ ଆଧାରିତ ସମନ୍ୱିତ କୃଷି :

ଜମି ଓ ଜଳସେଚନ ପାଇଁ ଯଦି ଚାଷୀଭାଇ ମାନଙ୍କ ପାଖରେ ସୁବିଧା ଥାଏ ତା'ହେଲେ ଉଦ୍ୟାନ ଆଧାରିତ ସମନ୍ୱିତ କୃଷି କରି ଆମେ ବେଶ୍ ଲାଭବାନ ହୋଇପାରିବା । ଉଦ୍ୟାନ ଆଧାରିତ ସମନ୍ୱିତ କୃଷିରେ ଆମେ ଫଳଚାଷ ଯଥା- ଆମ୍ବ, ଲେମ୍ବୁ, କଦଳୀ ଚାଷ ସହିତ ଅନ୍ତଃ ଫସଲ ଭାବରେ ପନିପରିବା ଚାଷ ଯଥା- କୋବି, ପିଆଜ, ବାଇଗଣ, ଟମାଟୋ, କଖାରୁ, ତରଭୁଜ, ଗାଜର, ବିଟ୍ ଆଦି ଚାଷ କରାଯାଇପାରିବ । ଏହାଦ୍ୱାରା ଖାଲି ପଡୁଥିବା ସ୍ଥାନର ଉପଯୁକ୍ତ ବିନିଯୋଗ ହେବା ସହ ସଙ୍ଗେ ସଙ୍ଗେ ଫସଲ ଅମଳ କରିବା ସହିତ ବର୍ଷର ପ୍ରତ୍ୟେକ ସମୟରେ ଅଧିକ ଲାଭ ମିଳିପାରିବ ।



କମ୍ ପରିମାଣର ପାଣି ତଥା ପାଣିର ଅପଚୟ ନ କରିବା ପାଇଁ ଡ୍ରିପ୍ ବା ବୁନ୍ଦା ଜଳସେଚନ ନିହାତି ଆବଶ୍ୟକ । ଏହାଦ୍ୱାରା ଗଛ ତା'ର ଦରକାର ମୁତାବକ ପାଣି ପାଇଥାଏ ଓ ଗଛର ଭଲ ବୃଦ୍ଧି ହେବା ସହ ଅମଳ ମଧ୍ୟ ବଢ଼ିଥାଏ । ଏତଦ୍‌ବ୍ୟତୀତ ଚାଷଜମିରୁ ଉତ୍ପନ୍ନ ଅଦରକାରୀ ଜୈବିକ ବର୍ଜ୍ୟବସ୍ତୁ

ଯଥା- ପାଳ, ପନିପରିବା ଛୋପା, ପତ୍ରକୁ ବ୍ୟବହାର କରି ଅତି ସହଜରେ ଜିଆ ଖତ ଚାଷ କରାଯାଇପାରିବ ।

ଜିଆ ଖତ ପାରମ୍ପାରିକ ଗୋବର ଖତ ଠାରୁ ଅଧିକ ଉନ୍ନତ ମାନର ଯାହାର ପ୍ରୟୋଗ ଦ୍ୱାରା ମାଟି ସୁସ୍ଥ ହେବା ସଙ୍ଗେ ସଙ୍ଗେ ଗୁଣାତ୍ମକ ମାନର ଉତ୍ପାଦନ ମଧ୍ୟ ମିଳିଥାଏ । ଜିଆଖତ ପ୍ରସ୍ତୁତ କରିବା ପାଇଁ ପଲିଥିନ୍ ପିଟ୍ କିମ୍ବା ସିମେଣ୍ଟ କୁଣ୍ଡ ଆବଶ୍ୟକତା ପଡ଼ିବା ସହ କୁଣ୍ଡର ଉପରେ ଏକ ଛପର କରିବାକୁ ପଡ଼ିଥାଏ । ଯେକୌଣସି ନଷ୍ଟ ଜୈବିକ ପଦାର୍ଥକୁ ୨:୧ ଅନୁପାତରେ ଗୋବର ଖତ ସହ ମିଶାଇ ପଚିବା ପାଇଁ ୨-୩ ସପ୍ତାହ ଛାଡ଼ି ଦିଆଯାଏ । ଏହି ଆଂଶିକ ସଢ଼ା ପଦାର୍ଥରେ ଜିଆ ଛାଡ଼ିଲେ ଉପଯୁକ୍ତ ବାତାବରଣରେ ୨-୨.୫ ମାସରେ ଉକ୍ତ ପଦାର୍ଥ ଜିଆଖତରେ ପରିଣତ ହୁଏ । ୧୨ ଟନ୍ ଜୈବିକ ପଦାର୍ଥରୁ ଅତି ଉଚ୍ଚମାନର ୪-୬ ଟନ୍ ଜିଆଖତ ପ୍ରସ୍ତୁତ କରାଯାଇପାରେ ଏବଂ ଏହି ଜିଆ ଖତ ପନିପରିବା ଚାଷ ବେଳେ ବ୍ୟବହୃତ କରାଯାଇଥାଏ ।

## ୪. କୃଷିଜାତ ଦ୍ରବ୍ୟ ଆଧାରିତ ସମନ୍ୱିତ କୃଷି :

ଓଡ଼ିଶାରେ କୃଷି କହିଲେ ମୁଖ୍ୟତଃ ଧାନ ଚାଷକୁ ବୁଝାଏ । ଧାନ ଓଡ଼ିଶାର ମୁଖ୍ୟ ଉତ୍ପାଦିତ ଫସଲ ହୋଇଥିବାରୁ ଚାଷୀମାନେ ସ୍ୱାଭାବିକ ଭାବରେ ଧାନ ଚାଷ କରିବା ପାଇଁ ବେଶ୍ ଆଗ୍ରହ ପ୍ରକାଶ କରିଥାନ୍ତି । ମାତ୍ର ବର୍ଷା ଓ ପାଣିପାଗର ଅନିଶ୍ଚିତତା ଯୋଗୁଁ ଅମଳ ପ୍ରଭାବିତ ହୋଇଥାଏ । ତେଣୁ ଚାଷୀଭାଇମାନେ ଶସ୍ୟ ବିବିଧିକରଣ ଉପରେ ଗୁରୁତ୍ୱାରୋପ କରିବା ନିତ୍ୟାନ୍ତ ଆବଶ୍ୟକ । ଶସ୍ୟ ବିବିଧିକରଣ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିଭିନ୍ନ ଫସଲ ଉତ୍ପାଦନ କରିବାର ଏକ ନିଆରା ମାଧ୍ୟମ । ଫସଲ ବିବିଧିକରଣ ହେଉଛି ଅନ୍ତଃ ଚାଷ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସମାନ କିମ୍ବା ଭିନ୍ନ ପ୍ରଜାତିର ଏକରୁ ଅଧିକ ବା ବିଭିନ୍ନ ପ୍ରକାର ଫସଲ ଚାଷ କରିବାର ଅଭ୍ୟାସ । ଗୋଟିଏ ଫସଲ ଉପରେ ନିର୍ଭର ନ କରି ଏକାଧିକ ଫସଲ ଚାଷ କରିବାର ମାଧ୍ୟମ ହିଁ ଫସଲ ବିବିଧିକରଣ । ଏହାଦ୍ୱାରା ସ୍ୱଳ୍ପ ଅର୍ଥକାରୀ ଫସଲକୁ ପରିବର୍ତ୍ତନ କରି ଅଧିକ ଅର୍ଥକାରୀ ଫସଲ ଉତ୍ପାଦନ କରାଯାଇପାରେ । ଏହା କୃଷି କ୍ଷେତ୍ରରେ ଅନିଶ୍ଚିତତା ହ୍ରାସ କରିବା ସହ ପରିବେଶର ବିବିଧତା ଆଣିବାରେ ସାହାଯ୍ୟ କରେ । ଏହା ସହ ମୃତ୍ତିକାର ଉର୍ବରତା ବୃଦ୍ଧି ସହ କୀଟନାଶକ ଓ ରୋଗପୋକ ନିୟନ୍ତ୍ରଣ ହୋଇଥାଏ ।

ଆନୁସଙ୍ଗିକ କୃଷି ହିସାବରେ ଛତୁ ଚାଷ, ମହୁ ଚାଷ, ପୋଷକ ବଗିଚା, ଔଷଧୀୟ ବଗିଚା ଇତ୍ୟାଦି ମଧ୍ୟ ସମନ୍ୱିତ କୃଷି ପ୍ରଣାଳୀରେ ଅର୍ନ୍ତଭୁକ୍ତ ହୋଇଥାଏ । ପୋଷକ ବଗିଚା ପରିବାରର ଆବଶ୍ୟକତା ମେଣ୍ଟାଇବା ସହ କମ୍ ଖର୍ଚ୍ଚରେ ତଟକା ପରିବା ଯୋଗାଇଥାଏ । ୫-୬ ଜଣିଆ ପରିବାର ପାଇଁ ପନିପରିବା ଚାହିଦା ମେଣ୍ଟାଇବା ପାଇଁ ୨୦୦ ବର୍ଗମିଟର ଜମି ଯଥେଷ୍ଟ ଅଟେ । ଜମିକୁ ଛୋଟ ଛୋଟ କିଆରିରେ ବିଭକ୍ତ କରି ଜଳସେଚନ ଓ ଜଳ ନିଷ୍କାସନ ସୁବିଧା କରାଯାଏ । ଫସଲ ଧାଡ଼ିରେ ଲଗାଇବା ସହିତ ମିଶ୍ରିତ ପ୍ରଣାଳୀରେ ଚାଷ ମଧ୍ୟ କରାଯାଏ । ବର୍ଷର ସବୁ ସମୟରେ କିଆରି ପୂର୍ଣ୍ଣ ରଖିବା ସହ ନିରବଚ୍ଛିନ୍ନ ଭାବେ ଚାଷ ହୋଇଥାଏ । ଉଦ୍ୟାନର ଗୋଟିଏ କୋଣରେ ଏକ ଛୋଟ ଛତୁ ଘର କରି ଦୈନିକ ଗୋଟିଏ କରି ପାଳ ଛତୁ, ଧିଙ୍ଗିରି ଛତୁ (ଋତୁ ଅନୁଯାୟୀ) ବେଡ୍ ପକାଇଲେ ଦୈନିକ ହାରାହାରି ଏକ କେଜି ଛତୁ ସାରା ବର୍ଷ ଅମଳ କରାଯାଏ । ଘର ପଛ କିମ୍ବା ବଗିଚା ମଧ୍ୟରେ ଦୁଇଟି କରି ମହୁବାକ୍ସ ବସାଇଲେ ବର୍ଷକୁ ୧୦-୧୨ କେଜି ମହୁ ମଧ୍ୟ ଉତ୍ପାଦନ କରାଯାଏ । ବଗିଚା ଚାରି ପାଖରେ ଫୁଲଗଛ କିମ୍ବା କୁଣ୍ଡରେ ଫୁଲ ଚାଷ କଲେ ପୂଜା କରିବା ପାଇଁ ଫୁଲ ମଧ୍ୟ ପ୍ରତିଦିନ ମିଳିଥାଏ ।

**ସମନ୍ୱିତ କୃଷି ପ୍ରଣାଳୀଦ୍ୱାରା ମିଳୁଥିବା ସୁବିଧା :**

୧. ଅମଳ ବଢ଼ିବା ସହ ସମାଜର ଖାଦ୍ୟ ଚାହିଦାକୁ ମଧ୍ୟ ଭରଣା କରିଥାଏ ।

୨. ଜମିର ଉର୍ବରତାକୁ ବଢ଼ାଇବାରେ ସାହାଯ୍ୟ କରେ ।

୩. ଅଦରକାରୀ ବର୍ଜ୍ୟବସ୍ତୁ ଗୁଡ଼ିକୁ ଖତ ସାରରେ ପରିଣତ କରିବା ସହ ଏହାକୁ ଏକ ମୂଲ୍ୟ ଦେଇଥାଏ ।

୪. ସ୍ଥାନୀୟ ଚାଷୀ ଗୋଷ୍ଠୀଙ୍କ ଜୀବନଶୈଳୀରେ ଉନ୍ନତି କରିଥାଏ ।

୫. କୃଷି ଜନିତ ପ୍ରଦୂଷଣ ରୋକିବାରେ ସଫଳ ଭୂମିକା ଗ୍ରହଣ କରିଥାଏ ।

୬. ମୃତ୍ତିକା, ଜଳ ଏବଂ ଉଦ୍ଭିଦ ସମୂହ ପରିଚାଳନାର ରୂପାନ୍ତରଣ ହୋଇଥାଏ ।

୭. ଅମଳ କ୍ଷମତା ଓ ରୋଜଗାର ସ୍ଥାୟୀତ୍ୱ ସମନ୍ୱିତ କୃଷିଦ୍ୱାରା ଆସିଥାଏ ।


ସମନ୍ୱିତ କୃଷି ପ୍ରଣାଳୀ
ପୋଷକ ବଗିଚା
ଶସ୍ୟ ବିବିଧୀ କରଣ
ଗୋପାଳନ
କୁକୁଡ଼ା, ଛେଳି ଓ ବତକ ପାଳନ
ମାଛ ଚାଷ
ମହୁ ଚାଷ
ଜିଆ ଖତ ପ୍ରସ୍ତୁତି
ଛତୁ ଚାଷ
ଫୁଲ ଓ ଫଳ ଚାଷ
ଔଷଧୀୟ ବଗିଚା



This document was created with the Win2PDF “Print to PDF” printer available at

https://www.win2pdf.com

This version of Win2PDF 10 is for evaluation and non-commercial use only.
Visit https://www.win2pdf.com/trial/ for a 30 day trial license.

This page will not be added after purchasing Win2PDF.

https://www.win2pdf.com/purchase/